# All Odisha Union Bank Employees Association

( *Affiliated to* :- A.I.U.B.E.F. & B.E.F.I. through A.O.B.E.F. ), (*Date of Formation* :- 07.08.1977)
*Regd. No.* :- 1342/23.02.1981 of Indian Trade Union Act, 1926
*Regd. Office* :- C/o Union Bank of India, 38, Ashok Nagar, Near Raj Mahal Square, Bhubaneswar-751009
*Head Qrs* :- C/o Union Bank of India, Nayapalli Branch, Near Hotel Crown, Nayapalli, Bhubaneswar-751015
*e-mail* :- aoubea@gmail.com *MOBILE* :- President- 94372 72600, General Secretary- 94396 17325
Website : www.aoubea.org

===

ପରିପତ୍ର ସଂଖ୍ୟା – ୧୭ ଭୁବନେଶ୍ୱର

ତାରିଖ ୦୨-୧୦-୨୦୧୯

ପ୍ରିୟସାଥିଗଣ,

ନିକଟରେ ସବ୍ ଷ୍ଟାଫ ରୁ କ୍ଲର୍କ ପଦୋନ୍ନତି ପାଇଥିବା ୪ ଜଣ ସାଥି ଓ ଅନ୍ୟ ଜଣେ ସବଷ୍ଟାଫ ସାଥି ଅନିଲ କୁମାର ସେଠୀ ଆମ ବ୍ୟାଙ୍କ ର ନିୟମ ଅନୁଯାୟୀ ଗ୍ରାଜୁଏସନ ଶେଷ କରିବାରୁ କ୍ଲର୍କ ଭାବେ ପଦୋନ୍ନତି ପାଇଛନ୍ତି। ସମସ୍ତ ଙ୍କୁ ଆମ ସଂଗଠନ ତରଫରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛୁ।

ଯେଉଁ ୪ ଜଣ ସାଥି ପଦୋନ୍ନତି ପ୍ରକ୍ରିୟାରେ କୃତକାର୍ଯ୍ୟ ହୋଇଛନ୍ତି ସେମାନେ ହେଲେ

| ସାଥୀଙ୍କ ନାମ | ଶାଖା ନାମ |
|---|---|
| ପ୍ରତାପ ଚନ୍ଦ୍ର ପାଢ଼ୀ | ବ୍ରହ୍ମପୁର |
| କ୍ଷୀରୋଦ ଘାସି | ବନ୍ଧବାହଲ |
| ବିରଞ୍ଚି ବାଘ | ପୋଲସମା |
| ତନୁ ଭୂମିଜ | ଅଇଁଠାପଲ୍ଲି |

କିନ୍ତୁ ଦୁଃଖଃ ଓ ପରିତାପର ବିଷୟ ଯେ ଆମ ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରମୋସନ ପଲିସି ର ସବୁ ନିୟମ କୁ ଉଲ୍ଲଙ୍ଘନ କରି ସେମାନଙ୍କୁ ଯେଭଳି ଭାବରେ ବର୍ତ୍ତମାନର କାର୍ଯ୍ୟକରୁଥିବା ଶାଖା ଠାରୁ ବହୁତ ଦୂରରେ ନିଯୁକ୍ତି ଦେଇଛନ୍ତି ଏବଂ ୪ ଜଣ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ସାଥୀମାନଙ୍କ ପ୍ରତି ଅନ୍ୟାୟ କରିଛନ୍ତି ତାହାକୁ ଆମେ ଦୃଢ ଭାବେ ବିରୋଧ କରୁଛୁ।

ପଦୋନ୍ନତି ର ଫଳାଫଳ ଆସିବା କ୍ଷଣି ଆମେ ଉଭୟ ରିଜିଓନାଲ ହେଡ ଙ୍କ ସହିତ ଆଲୋଚନା କରିଥିଲୁ ଏବଂ ଯାହା ଆମ ପ୍ରମୋସନ ପଲିସି ରେ ଅଛି ଯେ ସେମାନଙ୍କୁ କାର୍ଯ୍ୟରତ ସ୍ଥାନରେ କିମ୍ବା ତାହାର ପାଖା ପାଖି ସ୍ଥାନରେ ନିଯୁକ୍ତି ଦେବେ ବୋଲି ଆମ କୁ ପ୍ରତିଶ୍ରୁତି ଦେଇଥିଲେ।ଏପରିକି ଆମ କଥା ଅନୁସାରେ ସମ୍ବଲପୁର ରିଜିଓନାଲ ହେଡ ଲିଖିତ ଭାବରେ ୩ ଜଣ ସାଥୀଙ୍କୁ ନିକଟସ୍ଥ ଶାଖା ମାନଙ୍କରେ ନିଯୁକ୍ତି ପାଇଁ ଏନ ଆର ଓ ଭୁବନେଶ୍ୱର କୁ ଲିଖିତ ଭାବେ ଜଣାଇଥିଲେ।କିନ୍ତୁ ପରବର୍ତ୍ତୀ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅନୁରୋଧ ବଦଳି ପଲିସି ର ଆଳ ଦେଖାଇ ସେମାନଙ୍କୁ ବହୁ ଦୂର ଦୂରାନ୍ତ ଶାଖା ପାଇଁ ନିଯୁକ୍ତି ପତ୍ର ପଠାଇ ଦେଲେ।ଆମେ ପୁଣି ତତକ୍ଷଣାତ ଏନ ଆର ଓ ଭୁବନେଶ୍ୱର ସହିତ ଆଲୋଚନା କରିଥିଲୁ ଏବଂ ଗତ କାଲି ଅର୍ଥାତ ୦୧.୧୦.୨୦୧୯ ତାରିଖରେ ସମ୍ବଲପୁର ଆର ଓ ସହିତ ଅନୁଷ୍ଠିତ ଆଇ ଆର ମିଟିଂ ରେ ଏହି ପସଙ୍ଗକୁ ମୁଖ୍ୟ ପସଙ୍ଗ ଭାବରେ ପ୍ରଥମଭାଗ ରେ ସ୍ଥାନ ଦେଇଥିଲୁ। ଆଇ ଆର ମିଟିଂ ରେ ଅଲୋଚନାବେଳେ ଏକ ବିବାଦୀୟ ଢଙ୍ଗ ରେ ରିଜିଓନାଲ ହେଡ ସମ୍ବଲପୁର ଏହା ଏନ ଆର ଓ ଭୁବନେଶ୍ୱର ନିର୍ଦ୍ଦେଶ ରେ ହୋଇଛି ବୋଲି ଲିଖିତ ଭାବେ ଉତ୍ତରରେ ଦେଇଛନ୍ତି।

ତେଣୁ ଆସନ୍ତା କାଲି ଆମେ ପୁଣିଥରେ ରିଜିଓନାଲ ହେଡ ଭୁବନେଶ୍ୱର ଙ୍କୁ ଭେଟିବୁ। ଯଦି ଏହାର କିଛି ପରିବର୍ତ୍ତନ ନ ହୁଏ ଏବଂ ଉପରୋକ୍ତ ୫ ଜଣ ସାଥୀଙ୍କର ସଠିକ ସ୍ଥାନରେ ପ୍ରମୋସନ ପଲିସି ଅନୁସାରେ ନିଯୁକ୍ତି କରା ନଯାଏ ତାହେଲେ ନିଶ୍ଚିତ ରୂପେ ଆଗାମୀ ଦିନରେ କର୍ତ୍ତୃପକ୍ଷଙ୍କ ସହିତ ଶିଳ୍ପ ଭିତ୍ତିକ ସମ୍ପର୍କ ବ୍ୟାହତ ହେବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ଉତ୍ତର ଦାୟୀ ରହିବେ।

## ୨୨ ଅକ୍ଟୋବର ଧର୍ମଘଟ କୁ ସଫଳ କର ।

**BEFI** ଜିନ୍ଦାବାଦ୍ AIUBEF - ଜିନ୍ଦାବାଦ୍

AOBEF ଜିନ୍ଦାବାଦ୍ AOUBEA- ଜିନ୍ଦାବାଦ୍

ଅଜୟ କୁମାର ମହାନ୍ତି
ସାଧାରଣ ସମ୍ପାଦକ